## ଗଞ୍ଜେଇ ଭର୍ତ୍ତି କାର ଛାଡ଼ି ଅଭିଯୁକ୍ତ ଚମ୍ପଟ

କ.ନୂଆଗାଁ,୪।୪(ଡି.ଏନ୍.ଏ.): କ.ନୂଆଗାଁ ଥାନା ଅଧୀନ ଦାରିଙ୍ଗବାଡି ଛକ ନିକଟରେ ସୋମବାର ପୋଲିସର ପାଟ୍ରୋଲିଂ କରୁଥିବା ବେଳେ ଏକ କାର ଥିବା ଦେଖି ଯାଞ୍ଚ କରିଥିଲା। ଉକ୍ତ କାରଟିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ପୋଲିସର ଗତିବିଧିକୁ ଲକ୍ଷ୍ୟ କରି ଗିରଫ ଭୟରେ ଗଞ୍ଜେଇ ଚାଲାଣ କାରି ଗାଡ଼ି ଛାଡି ଚମ୍ପଟ ମାରିଥିଲେ। ଆଖପାଖରେ ବହୁ ଖୋଜାଖୋଜି କରିବା ପରେ କାହାକୁ ନପାଇ କାର ସହ ଗଞ୍ଜେଇ ପୋଲିସ ଜବତ କରିଛି। ସେଥିରେ ୪୨ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଥିବା ବେଳେ ପୋଲିସ ନଂ. ୩୧/୨୨ ଅବକାରୀ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସେକେଣ୍ଡ ଅଫିସର ଅଜୟ କୁମାର ସାହୁ କହିଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତ ନିର୍ବାଚନ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

କାଶୀନଗର,୪।୪:କାଶୀନଗର ବ୍ଲକ ଖାରଡ଼ା ପଞ୍ଚାୟତ ଧନସରା ଗ୍ରାମରେ ଗତ ପଞ୍ଚାୟତ ନିର୍ବାଚନ ବେଳେ ଟାଟିକୋଣ୍ଡା ଦଶରଥଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ମାମଲାରେ ସୋମବାର ମୁଜିଆଲା ବଳରାମ, ମୁଜିଆଲା ସାଇରାମ ଓ ଜଳନ୍ଧର ଜେନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

ରମ୍ଭା, ୪।୪: ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମପଞ୍ଚାୟତ ଅଧୀନ କଣ୍ଟାପଡ଼ା ମଠମକୁନ୍ଦପୁର ଗ୍ରାମରେ ବିଜେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିପାଇଁ ଆୟୋଜିତ ଯଜ୍ଞ ସଂସ୍କାର କାର୍ଯ୍ୟକ୍ରମରେ ମୁଖ୍ୟ ପଣ୍ଡିତ ପବିତ୍ର ମିଶ୍ର, ସହଯୋଗୀ ମନୋଜ ଦାସ ଏବଂ ସନ୍ତୋଷ ମିଶ୍ର ଏବଂ ଶିଳ୍ପୀ ରଘୁନାଥ ମହାରଣା ଯୋଗଦେଇଥିଲେ। ପୂର୍ବରୁ ସଂକଳ୍ପିତ ଗ୍ରାମର ଆଠଗୋଟି ଦେବଦମ୍ପତି ପରିବାର ଦୟାନିଧି ପ୍ରଧାନ ଓ କନକ ପ୍ରଧାନ, ତ୍ରିନାଥ ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନ, ରଘୁନାଥ ନାହାକ ଓ ଭାନୁମତି ନାହାକ, ପଞ୍ଚୁ ନାହାକ ଓ ଅନ୍ନପୂର୍ଣ୍ଣା ନାହାକ, କେ. ନାରାୟଣ ରେଡ୍ଡୀ ଓ ଯଶୋଦା ରେଡ୍ଡୀ, କାମରାଜୁ ରେଡ୍ଡୀ ଓ ରୀନା ରେଡ୍ଡୀ, ମହେଶ୍ୱର ମୁଦୁଲି ଓ ରାଧା ମୁଦୁଲି ଏବଂ ଗୌରହରି ମୁଦୁଲି ଓ ରତ୍ନମାଳା ମୁଦୁଲିଙ୍କ ଶୁଭ ଯଜ୍ଞକର୍ମ ସମାପନ ପରେ ନିର୍ଦ୍ଧାରିତ ସ୍ଥାନରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଆଗାମୀ ମେ' ୩ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ସଫଳତା କାମନା କରିଥିଲେ।

### ବିଦ୍ୟୁତ୍ ପୋଲକୁ ଧକ୍କାଦେଲା ବସ୍, ୮ ଯାତ୍ରୀ ଆହତ

ପୋଲସରା,୪।୪(ଡି.ଏନ୍.ଏ.):ପୋଲସରା ଥାନା ନିକଟ ରାଣୀପଡ଼ାଠାରେ ସୋମବାର ଏକ ଯାତ୍ରୀବାହୀ ମିନିବସ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇଛି। ଫଳରେ ବସ୍‌ରେ ଥିବା ୮ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ମଥୁରାର ବାବୁଲା ନାହାକ, ଚିତ୍ରସେନ ବେହେରା, ରଘୁନାଥପୁରର ରୂପମ ଗୌଡ଼, ସଞ୍ଜୁ ଗୌଡ଼, ଚିରିକିପଡାର ନିଶାମଣି ସାହୁ, ଭାବରଡାର ପ୍ରିୟା ବିଷୋୟୀ, ସିକୁଳାର ଆଲୋକ ମହାନ୍ତି, ବାସନ୍ତୀ ମହାନ୍ତି। ସେଥିରେ ତିନିଜଣ ନାବାଳକ ଥିବା ଜଣାପଡିଛି। ଆସିକାରୁ ଭାୟା ବୁଡ଼ାମ୍ବ ଦେଇ ପୋଲସରାକୁ ଆସୁଥିବା ସମୟରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍‌ଟି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଆହତ ଯାତ୍ରୀଙ୍କୁ ସଙ୍ଗେସଙ୍ଗେ ଆମ୍ବୁଲାନ୍ସ ଯୋଗେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଖବର ପାଇ ପୋଲସରା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

### ମା' ଶ୍ୟାମାକାଳୀ ମନ୍ଦିରରେ ଦଣ୍ଡଯାତ୍ରା

ପାରଳାଖେମୁଣ୍ଡି, ୪।୪(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହରରେ ଥିବା ମା' ଶ୍ୟାମାକାଳୀ ମନ୍ଦିରରେ ପବିତ୍ର ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଏଥିଲାଗି ଶୁଭଖୁଣ୍ଟି ସ୍ଥାପନ ଏବଂ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ଦଣ୍ଡୁଆମାନେ ଶୁଭଖୁଣ୍ଟି ଧରି ନଗର ପରିକ୍ରମା କରିଥିଲେ। ଏହି ଦଣ୍ଡଯାତ୍ରା ମେରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ମାନସିକଧାରୀଙ୍କ ଘର ତଥା ସମ୍ମୁଖରେ ଦଣ୍ଡଯାତ୍ରା ହେବ ବୋଲି କୁହାଯାଇଛି। ପ୍ରତିବର୍ଷ ଭଳି ମନ୍ଦିର ପୂଜକ ମନୁ ପଟ୍ଟନାୟକ ଏହି ଦଣ୍ଡଯାତ୍ରାର ପୂଜାର୍ଚ୍ଚନା କରୁଛନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁରୁ ଉତ୍ତେଜନା

## ଗୋଚ୍ଛାପଡା ଥାନାଧିକାରୀଙ୍କ ନିଲମ୍ବନ ଦାବି

**ଫୁଲବାଣୀ ଅଫିସ, ୪।୪**

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ପୋଲିସର ମନମାନି ଯୋଗୁ ନୀରିହ ଲୋକେ ବଳି ପଡୁଛନ୍ତି । ମିଥ୍ୟ ମାମଲାରେ ବହୁ ଲୋକଙ୍କୁ ଗିରଫ କରାଯାଇ ନିର୍ଯାତନା ଦିଆଯାଉଛି । ନିର୍ଯାତନାର ଶିକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ପାଇରାଜୁ (ଯ୍ରାକିକେତା) ଗ୍ରାମର ମୃତ୍ୟୁଞ୍ଜୟ କହଁରଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଥାନାଧିକାରୀ ରଞ୍ଜିତ କୁମାର ମୁନୀଙ୍କୁ ନିଲମ୍ବନ ଦାବିରେ ଗୋଚ୍ଛାପଡା ଥାନା ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଥାନାଧିକାରୀ ଏବଂ ଆଉ ୨ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

୨୦୨୧ ନଭେମ୍ବର ୩୧ରେ ପୋଲିସ ସାଦା ପୋଷାକରେ ଆସି ମୃତ୍ୟୁଞ୍ଜୟଙ୍କୁ ତାଙ୍କ ଘରୁ ଉଠାଇ ନେଇଥିଲା। ତାଙ୍କ ନାମରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ମିଥ୍ୟା ମାମଲା ରୁଜୁ କରିଥିଲା। ଥାନାରେ ପୋଲିସ ଅକଥନୀୟ ଅତ୍ୟାଚାର କରିଥିଲା। ପରେ ଦେବକଙ୍କୁ କୋର୍ଟରେ ହାଜର କରାଯାଇ ଫୁଲବାଣୀ ଜେଲକୁ ପଠାଇ ଦିଆଯାଇଥିଲା । ହେଲେ ମେଡିକାଲରେ ସେ ସମୟରେ ଚିକିତ୍ସା କରାଯାଇ ନ ଥିଲା । ଗତ ୩୦ ତାରିଖରେ ମୃତ୍ୟୁଞ୍ଜୟ ଅସୁସ୍ଥ ହେବାରୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ନ ସୁଧୁରିବାରୁ ବ୍ରହ୍ମପୁର ପଠାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ୍ୟୁଞ୍ଜୟଙ୍କ ସ୍ତ୍ରୀ ବ୍ରହ୍ମପୁର ଯାଇ ସ୍ୱାମୀ ସୁସ୍ଥ ଥିବା ଦେଖି ଫେରିଥିଲେ । ପରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁଞ୍ଜୟଙ୍କ ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଏହି ଖବର ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଗୋଚ୍ଛାପଡା ଥାନା ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ ଏବଂ ଜନସାଧାରଣ ଏକାଠି ହୋଇ ପୋଲିସର ମନମୁଖି କାର୍ଯ୍ୟକୁ ବିରୋଧ କରିବା ସହ ଗୋଚ୍ଛାପଡା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଗଞ୍ଜେଇ ମାଫିଆଙ୍କ ସହ ମଧୁଚନ୍ଦ୍ରିକା କରୁଛି। ଯେଉଁ ଗ୍ରାମରେ ଗଞ୍ଜେଇ ପାଇଁ ଚଢ଼ାଉ କରାଯିବ, ସେଠାରେ ୱାର୍ଡ ମେମ୍ବରଙ୍କୁ ସାକ୍ଷୀ ରଖିବା, ଗୋଚ୍ଛାପଡା ଥାନାଧିକାରୀ, ଅତିରିକ୍ତ ଥାନାଧିକାରୀ, ସୋମନାଥ ବିଷାଣୀ ଓ ଦୁର୍ଯ୍ୟଶେଖର ମଲ୍ଲିକଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେମାନେ ଦାବି କରିଥିଲେ ।



ଥାନା ପରିସରରେ ବିଧାୟକ, ସରପଞ୍ଚ ଏବଂ ଅନ୍ୟମାନେ ।

## ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ଫୁଲବାଣୀ ଅଫିସ, ୪।୪**

କ୍ରମାଗତ ଭାବେ ତୈଳ ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ହେଉଛି। ଏହାର ପ୍ରତିବାଦ କରି ବୁଧବାର କନ୍ଧମାଳ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଜନ ବିରୋଧୀ ପଦକ୍ଷେପ ଯୋଗୁଁ ଦେଶର କୋଟି କୋଟି ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ତୁରନ୍ତ ଏହାର ପୁନର୍ବିଚାର କରି ତୈଳ ଦର ନିୟନ୍ତ୍ରଣ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଜିଲା କଂଗ୍ରେସ ସଭାପତି ଅନାମ ନାୟକଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକାଠି ହୋଇ କେନ୍ଦ୍ର ବିରୋଧୀ ନାରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନରେ ନଗର ସଭାପତି ଶିବ ଶଙ୍କର ବେହେରା, ପିସିସି ସମ୍ପାଦକ ଚନ୍ଦ୍ର ଶେଖର ପରିଡା, ବରିଷ୍ଠ ନେତା ରଜତ ମହାନ୍ତି, ହେମନ୍ତ କୁମାର କର, ସୂର୍ଯ୍ୟକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗର୍ଭବତୀ, ପ୍ରସୂତିଙ୍କ ପାଇଁ ସୋପାନ କାର୍ଯ୍ୟକ୍ରମ ଶୁଭାରମ୍ଭ

**ପାରଳାଖେମୁଣ୍ଡି,୪।୪(ଡି.ଏନ୍.ଏ.)**

ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତର ବି.ସୀତାପୁର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରଠାରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ସାହାଯ୍ୟତାରେ ସୋପାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସୋପାନ କାର୍ଯ୍ୟକ୍ରମ ଦ୍ୱାରା ଅଙ୍ଗନବାଡି କେନ୍ଦ୍ରରେ ସମସ୍ତ ଗର୍ଭବତୀ ଓ ପ୍ରସୂତୀଙ୍କୁ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଛତୁଆ ସହ ଗରମ ରନ୍ଧା ଖାଦ୍ୟ ବର୍ଷକୁ ନିର୍ଦ୍ଧାରିତ ୩୦୦ ଦିନ ଦିଆଯିବ। କାର୍ଯ୍ୟକ୍ରମରେ ଅଙ୍ଗନବାଡି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମାନଙ୍କୁ ମୁଖ୍ୟଅତିଥି ଦ୍ୱାରା ଗରମ ରନ୍ଧା ଖାଦ୍ୟ ଭାତ ଓ ଅଣ୍ଡା ତରକାରୀ ଏବଂ ଛତୁଆ ପକେଟ ମଧ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡା।

## ଆଧୁନିକୀକରଣ ହେବ ନୂତନ ବସ୍‌ଷ୍ଟାଣ୍ଡ

**ଆର୍.ଉଦୟଗିରି,୪।୪(ଡି.ଏନ୍.ଏ.)**

ଆର୍.ଉଦୟଗିରି ଗ୍ରାମରେ ଥିବା ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ ହେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ୬ ବର୍ଷ ପୂର୍ବେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଏହାକୁ ଆର.ଉଦୟଗିରି ପଞ୍ଚାୟତ ଦେଖାଶୁଣା କରୁଥିଲା। ଏହା ପରିସର ମଧ୍ୟରେ ଥିବା ଦୋକାନଗୃହ, ଯାତ୍ରୀ ବିଶ୍ରାମସ୍ଥଳୀ ଓ ଯାତ୍ରୀବାହୀ ବସ୍ ରହିବା ନେଇ ସ୍ଥାନ ସଂକୁଚିତ ହୋଇଯିବା ଦ୍ୱାରା ଏହାର ପାରିପାର୍ଶ୍ୱିକ ଉନ୍ନୟନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷକରି ବସ୍‌ଷ୍ଟାଣ୍ଡର ରୂପରେଖ ବଦଳାଇବା ପାଇଁ ରାଜ୍ୟ ସଡ଼କ ପରିବହନ ନିଗମକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ବସ୍‌ଷ୍ଟାଣ୍ଡ ପରିସରସ୍ଥ ନିର୍ମାଣ କାର୍ଯ୍ୟଗୁଡିକ ଶୀଘ୍ର ଭଙ୍ଗାଯିବ। ଓଏସ୍ଆର୍‌ଟିସି କର୍ତ୍ତୃପକ୍ଷ ଠିକାଦାରଙ୍କ ସହ କିଛିଦିନ ତଳେ ଆସି ମାପଚୁପ କରି ଫେରିଛନ୍ତି। ସମ୍ଭବତଃ ଏପ୍ରିଲ ଶେଷ ସପ୍ତାହରେ କାମ ଆରମ୍ଭ ହେବାର ସମ୍ଭାବନା ରହିଛି। ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବସ୍‌ଷ୍ଟାଣ୍ଡ ପରିସରରେ ରହି ଗୁଜରାଣ ମେଣ୍ଟାଉଥିବା ଦୋକାନୀମାନଙ୍କୁ ଜାଗା ଖାଲି କରିବାକୁ ପଞ୍ଚାୟତ ତରଫରୁ ନୋଟିସ ଜାରି କରାଯାଇଛି। ୭ ଦିନ ମଧ୍ୟରେ ଜାଗା ଖାଲି କରିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ବିରୋଧ କରି ଦୋକାନୀମାନେ ଅଧିକ ଦିନ ସମୟ ଦେବାକୁ ପଞ୍ଚାୟତକୁ ଲେଖି ଜଣାଇଛନ୍ତି। ଏଥିରେ ଯଦି ପଞ୍ଚାୟତ ନ ଶୁଣେ ତା'ହେଲେ ଦୋକାନୀମାନେ ଏକତ୍ରିତ ହୋଇ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସଜବାଜ ହେଉଥିବା କହିଛନ୍ତି।

## ଗଞ୍ଜାମରେ 'ଦିବ୍ୟାଙ୍ଗଜନ ସମାଧାନ' ଶୁଭାରମ୍ଭ

**ଛତ୍ରପୁର,୪।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ 'ଦିବ୍ୟାଙ୍ଗଜନ ସମାଧାନ' ସୋମବାର ଶୁଭାରମ୍ଭ ହୋଇଛି। ଏ ନେଇ ବ୍ଲକ ଓ ଜିଲାସ୍ତରରେ କମିଟି ଗଠନ ହୋଇଥିଲା। ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଣାଣି କରିଥିଲେ। ଏଣିକି ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ହେଉଥିବା ଅଭିଯୋଗ ଶୁଣାଣିରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣାଣି କରାଯିବ ବୋଲି ସୂଚନା ଦିଆଯାଇଛି। ଜିଲାର ସମସ୍ତ ବ୍ଲକରେ ମଧ୍ୟ ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଜନଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷର ନାମ ପରିବର୍ତ୍ତନ କରି ତାହାକୁ ଜଉଗଡ଼ ସମ୍ମିଳନୀ କକ୍ଷ ଭାବେ ନାମିତ କରାଯାଇଛି । ଏହି ସମ୍ମିଳନୀ କକ୍ଷରେ 'ଦିବ୍ୟାଙ୍ଗଜନ ସମାଧାନ' କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କର ସ୍ୱାସ୍ଥ୍ୟ, ପ୍ରମାଣପତ୍ର, ଜୀବନ ଜୀବିକା, ସରକାରୀ ସହାୟତା, ଉପକରଣ ଆବଣ୍ଟନ, ଋଣ ପ୍ରଦାନ, ଶିକ୍ଷା ଆଦି ସମ୍ପର୍କରେ ଜନଶୁଣାଣି ହୋଇଥିଲା । ଜନଶୁଣାଣିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ପ୍ରକଳ୍ପ ନିର୍ଦ୍ଦେଶକ (ଡ୍ରୁଡା) ସଚ୍ଚିଦାନନ୍ଦ ନାୟକ, ଜିଲା ସମାଜ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ଜନଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

### ଘର ସହ ୨୦ ଭରଣର ପାଳଗଦା ଜଳିଗଲା

**ବୁଗୁଡ଼ା,୪।୪(ଡି.ଏନ୍.ଏ)**

ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁ ଗ୍ରାମର କଳିଙ୍ଗ ନଗରରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଏକ ବଖରା ଘର ଜଳିଯାଇଛି। ସଞ୍ଜୁ ପ୍ରଧାନଙ୍କ ପରିବାର ଲୋକେ ପଦରକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୨୦ ଭରଣର ପାଳଗଦା ମଧ୍ୟ ପୋଡ଼ି ଯାଇଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଦିଗପହଣ୍ଡି, ୪।୪(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ରାଧାକୃଷ୍ଣ ଚୈତନ୍ୟ ନିତ୍ୟାନନ୍ଦ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବ ଗତ ୩୦ରୁ ଆରମ୍ଭ ହୋଇଥିଲା। ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ଉତ୍ସବରେ ଆଖପାଖ ଗ୍ରାମାଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଫଳରେ ଭୀଷ୍ମଗିରି ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲ। ଏହି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ମିନାବଜାର ଖୋଲାଯାଇଥିଲା। ପ୍ରତିଦିନ ପୂଜାପାଠ, ହୋମ, ଘୃତ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର ବହୁ ସାଧୁସନ୍ଥ ଓ ପଣ୍ଡିତ ନିମନ୍ତ୍ରିତ ଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଉଥିଲେ। ଉତ୍ସବର ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ନାମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ମଣ୍ଡଳାଧିବାସ, ବନଯାଗ, ରତ୍ନମୁଦ, ହୋମ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସରେ ଶାଳାପୂଜା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ସହ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ବିଧିବିଧାନ ପୂର୍ବକ କାର୍ଯ୍ୟ ସରିବା ପରେ ରବିବାର ଠାକୁରଙ୍କୁ ନଗର ପରିକ୍ରମା କରାଯାଇ ଏହି ଉତ୍ସବକୁ ଉଦ୍‌ଯାପିତ କରାଯାଇଥିଲା। ଭୀଷ୍ମଗିରି ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୋଖରୀ ସଫେଇରେ କାଉନ୍‌ସିଲର ସାମିଲ



ପୋଖରୀ ସଫେଇ କରାଯାଉଛି।

**ଛତ୍ରପୁର,୪।୪(ଡି.ଏନ୍.ଏ.)**

ଛତ୍ରପୁର ଏନ୍‌ଏସିରେ ପୁଣି 'ମୋ ପୋଖରୀ ମୋ ଦାୟିତ୍ୱ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ୯ ନଂ. ୱାର୍ଡରେ ଏହାର ଶୁଭାରମ୍ଭ ହୋଇଥିଲା। ସ୍ଥାନୀୟ କାଉନ୍‌ସିଲର ପ୍ରୀତିଛନ୍ଦା ସାମଲ ମଧ୍ୟ ପୋଖରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କରୋନା ଯୋଗୁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଏଣିକି ପ୍ରତି ସୋମବାର ପୋଖରୀ ସଫେଇ କରାଯିବ ବୋଲି ସୂଚନା ଦିଆଯାଇଛି। ପୋଖରୀର ଉନ୍ନତୀକରଣ କରାଯାଇ ଏକ ମଡେଲ ପୋଖରୀ କରାଯିବ ବୋଲି କାଉନସିଲର କହିଛନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶବାବୁ, ପୂର୍ବତନ କାଉନସିଲର ପ୍ରଦୋଷ ବେହେରା ଓ ବି ରାଜୁବାବୁ, ବବଲୁ ନାୟକ, ସରୋଜ ସାମଲ ପ୍ରମୁଖ ଏଥିରେ ସାମିଲ ଥିଲେ।

## ପରିମଳ ସଫେଇ କାର୍ଯ୍ୟକ୍ରମ

**ଧରାକୋଟ,୪।୪(ଡି.ଏନ୍.ଏ.)**

ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ସହ ଆଖପାଖ ସ୍ଥାନରେ ବିପର୍ଯ୍ୟସ୍ତ ପରିମଳର ସୁଧାରି କରଣ ପାଇଁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଧରାକୋଟ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ନେଳିଆ ପୋଖରୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ଜଗନ୍ନାଥ ମନ୍ଦିର ସମ୍ମୁଖ ଏବଂ ରାଜବାଟୀ ଗଳି ରାସ୍ତାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧରାକୋଟ ସରପଞ୍ଚ ପୁନିଆ ଦାସଙ୍କ ସମେତ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସ୍ୱାଇଁ, କାର୍ଯ୍ୟାକ୍ରମକୁ ସହଯୋଗ କରିଥିବା ବେଳେ ଯୁବ ଗୋଷ୍ଠୀ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସଫେଇ କାର୍ଯ୍ୟକ୍ରମ ସାମିଲ ରହିଥିବା ବେଳେ ଜଗମୋହନ ପଞ୍ଚାୟତରେ ସରପଞ୍ଚ ଲିନା ରାଣୀ ମହାରଣାଙ୍କ ଉପସ୍ଥିତିରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

## ବ୍ଲକ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କଲେ ତ୍ରିବେଣୀ




ବ୍ଲକ ଅଧ୍ୟକ୍ଷାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଆସିକା,୪।୪(ଡି.ଏନ୍.ଏ.)**

ଆସିକା ବ୍ଲକର ନବନିର୍ବାଚିତ ଅଧ୍ୟକ୍ଷା ତ୍ରିବେଣୀ ନାହାକ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ସଭା ଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଉପାଧ୍ୟକ୍ଷା ରେଶମା ଦୋରା, ବିଡିଓ ରୋସନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରା ମଞ୍ଚାସୀନ ଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରଗାଁ ସରପଞ୍ଚ ତଥା ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲାପରିଷଦ ସଦସ୍ୟ ଓ ସମର୍ଥକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ଲାଗି ଅଧ୍ୟକ୍ଷା ନାହାକ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଏନ୍‌ଏସିରେ ଖାଦ୍ୟର ମାନ ଯାଞ୍ଚ ହେଉନି

**ବୁଗୁଡା,୪।୪(ଡି.ଏନ.ଏ.)**

ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ। ଖୋଲା ମେଲାରେ ପଡିଲାଣି ମାଳ ମାଳ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳରେ ନୁହେଁ ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡି ଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଅନେକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ପ୍ରତି ସ୍ଥାନୀୟ ପ୍ରଶାସନ ଚୁପ୍ ରହୁଛି। ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖା ଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଖାଦ୍ୟ ବିଷାକ୍ତ ହୋଇପଡୁଛି। ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ବୁଗୁଡ଼ା ଏନଏସିରେ ଆବଶ୍ୟକ କର୍ମଚାରୀ ନଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ଏନ୍‌ଏସିକୁ ବେପାର କରିବା ପାଇଁ ଆସିଥାନ୍ତି। ଯାତ୍ରା ଦେଖା କଦଳୀ ବିକା ନ୍ୟାୟରେ ଏଠାକୁ ଆସୁଥିବା ଲୋକମାନେ ଏହି ଫାଷ୍ଟଫୁଡକୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଇଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

## ସରକାର ଯୋଗାଇଥିବା ଜମି ହୋଇପାରୁନି ଚାଷ ଉପଯୋଗୀ

**ବଲସକୁମ୍ପା,୪।୪**

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ ଜାଗାରେ ପିଲା ସାଲୁଙ୍କି ଜଳଭଣ୍ଡାର ୧୯୮୪ରେ ନିର୍ମାଣ ହେବା ଯୋଗୁ ସେହି ଜାଗାରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କୁ ସରକାର ଉଠେଇ ନେଇ ସୁନ୍ଦରଗଡଠାରେ ଏକ ବସ୍ତି ସ୍ଥାପନ କଲେ। ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ସରକାର ଜମି ଯୋଗାଇ ଦେଲେ। କିନ୍ତୁ ଏମିତି ଜମି ଜଙ୍ଗଲ ପାହାଡ ସହିତ ମୋରମ ମାଟି ଯାହାକି ଚାଷ ଉପଯୋଗୀ ହୋଇ ପାରୁନାହିଁ। ସେହିପରି କାହାକୁ କେତେ ଜାଗା ମିଳିଛି ତାହା ମଧ୍ୟ ସେମାନେ ଜାଣି ପାରୁନାହାଁନ୍ତି। ଘର ମିଳିବ, ପିଇବା ପାଣି ଯୋଗାଇ ଦିଆଯିବ ଏବଂ ରାସ୍ତା ଘାଟ ନିର୍ମାଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିସ୍ଥାପିତ ହୋଇ ଆଜିକୁ ପ୍ରାୟ ୩୮ ବର୍ଷ ବିତିଯାଇଥିଲେ ସୁଦ୍ଧା ସୁନ୍ଦରଗଡବାସୀଙ୍କୁ ମୌଳିକ ସୁବିଧା ମିଳିନାହିଁ ବୋଲି ଗ୍ରାମବାସି ଅଭିଯୋଗ କରିଛନ୍ତି। ଗାଁରେ କିଛି ଲୋକଙ୍କୁ ଘର ମିଳିଛି। ଆହୁରି ଅନେକ ଲୋକ ଘର ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଗାଁକୁ ଭଲ ରାସ୍ତା ଟିଏ ନାହିଁ। ଏବେ କିଛି ବର୍ଷ ହେବ ଗାଁକୁ ମାଟି ରାସ୍ତାଟିଏ ଯାଇଛି ଏବଂ କିଛି ଅଂଶ ପକ୍କା ରାସ୍ତା ନିର୍ମାଣ ହୋଇଛି। ମାତ୍ର ଅଧିକାଂଶ ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ କାଦୁଅ ହୋଇ କେତେବେଳେ ଗାଡ଼ି ଚକା ଖସଡ଼ି ଦୁର୍ଘଟଣା ହେଉଛି ତ ଆଉ କେତେବେଳେ ଚାଲି ଚାଲି ଯାଉଥିବା ଲୋକମାନେ ପାଦ ଖସି ପଡ଼ି ଯାଉଥିବା ଦେଖିବାକୁ ମିଳୁଛି। ଗାଁରେ ପ୍ରମୁଖ ସମସ୍ୟା ପାଲଟିଛି ପିଇବା ପାଣି। ଗାଁରେ ଦଳିତ ସାହିରେ ବିଶେଷ ପିଇବା ପାଣି ସମସ୍ୟା ଦେଖାଦେଇଛି। ଲୋକମାନେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। ଅନ୍ୟପକ୍ଷରେ ଏବେ ଗ୍ରୀଷ୍ମ ଋତୁ ଥିବା ଯୋଗୁ ମୁଣ୍ଡ ଫଟା ଖରା ହେଉଛି। ଗାଁରେ ଥିବା ପୋଖରୀ, ନଳକୂପ, କୂପ ସବୁ ଶୁଖି ଯାଉଛି। ଯାହା ଫଳରେ ଗ୍ରାମବାସୀ ଜଳ କଷ୍ଟ ଭୋଗୁଛନ୍ତି। ତେଣୁ ସରକାର ପ୍ରତିଶ୍ରୁତି ଦେଇ ଭୁଲି ଗଲେ ବୋଲି ଗ୍ରାମବାସୀ କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ମାଟି ରାସ୍ତା।

### ରାମାୟାଣାମ୍ମାଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଛତ୍ରପୁର,୪।୪(ଡି.ଏନ୍.ଏ.)**

ଛତ୍ରପୁର ସହରର ଆରାଧ୍ୟା ଦେବୀ ମା'ରାମାୟାଣାମ୍ମାଙ୍କ ଯାତ୍ରା ଲାଗି ରବିବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ଯାତ୍ରା କମିଟିର ମ୍ୟାନେଜର କେ.ଚନ୍ଦ୍ରଶେଖର ରେଡ୍ଡୀ ପୌରୋହିତ୍ୟ କରିଥିଲେ। କୋଭିଡ୍ କଟକଣା ଯୋଗୁ ଗତବର୍ଷ ମା'ଙ୍କ ଯାତ୍ରା ବନ୍ଦ ହୋଇଥିବା ବେଳେ ଚଳିତଥର ଜାକଜକମରେ କରିବା ପାଇଁ କମିଟି ସ୍ଥିର କରିଛି । ପୂର୍ବଭଳି ସହରର ବିଭିନ୍ନ ସାହିରେ ମା'ଙ୍କ ଘଟ ପରିକ୍ରମା କରିବ। ବିଭିନ୍ନ ସ୍ଥାନରେ ମେଳା ଏବଂ ମିନାବଜାର ଆୟୋଜନ କରାଯିବ। ଶୁଭଖୁଣ୍ଟି ସ୍ଥାପନ ବେଳେ ଛତ୍ରପୁର ଏନ୍‌ଏସିର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, କମିଟିର ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି ଯାତ୍ରା କମିଟିର ସଭ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

